# ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଗଣନା ଦାବି

ରାଜଗାଙ୍ଗପୁର-୦୬/୦୨/୨୦୧୧ ରବିବାର ଦିବା ୧୧ ଘଟିକାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କପରି ଜନଗଣନା ୨୦୧୧ରେ ସଂପୂର୍ଣ୍ଣ ଭାବରେ ଗଣତି ରେ ସାମିଲ କରାଯାଇପାରିବ ସେହି ବିଷୟ ଉପରେ "ପରିବାର" ସର୍ବଭାରତୀୟ ସଂସ୍ଥା ଓ "ଆଇନା" ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଙ୍କ ତରଫରୁ ଏକ ସଚେତନ ସଭା "ହୋପ" ରାଣୀବନ୍ଧ ରାଜଗାଁଗପୁର ପରିସରରେ ଡଃ ଡି. ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ରାଜଗାଙ୍ଗପୁର, କୁତୁରା, କୁଆଁରମୁଣ୍ଡା ବ୍ଲକ ଏରିଆର ଶତାଧିକ ଲୋକ ଯୋଗ ଦେଇଥିଲେ । ଯେମିତି ଭିନ୍ନକ୍ଷମ କେହିଜି ଜନଗଣନାରୁ ବାଦ ନ ପଡନ୍ତି ସେ ବିଷୟରେ ବିଶଦ ଆଲୋଚନା ହୋଇଥିଲା । ଉକ୍ତ ସଭାରେ ହୋପ ର ଉପସଭାପତି ଲକ୍ଷ୍ମୀଧର ପାଣିଗ୍ରାହୀ । ସଂପାଦକ ସବ୍ୟସାଚୀ ସାମଲ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ହୋପ ର କୋଷାଧକ୍ଷ ଶ୍ରୀ ସର୍ବେଶ୍ୱର ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ ।